# ଅନୁଗୋଳରେ ସମ୍ବିଧାନ ଦିବସ ପାଳିତ ।

ଅନୁଗୋଳ ତା.୨୬.୧୧ :- ଜିଲ୍ଲା ପ୍ରଶାସନ ତରଫରୁ ସମ୍ବିଧାନ ଦିବସ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ବାରଣ୍ଡାରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମ୍ବିଧାନ ପ୍ରଣେତା ଡ. ବାବା ସାହେବ ଆମ୍ବେଦକରଂକ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ସମ୍ବିଧାନ ପ୍ରସ୍ତାବନା ପାଠ କରିଥିଲେ । ଭାରତର ପ୍ରଭୁତା, ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ସହ ଧର୍ମଗତ,ଭାଷାଗତ ଓ ଆଂଚଳିକ ବା ଗୋଷ୍ଠୀଗତ ଭେଦଭାବରୁ ଉର୍ଦ୍ଧ୍ୱରେ ରହି ସମସ୍ତଂକ ମଧ୍ୟରେ ଏକତା ଓ ସମାନ ଭ୍ରାତୃଭାବର ବିକାଶ ସମ୍ପର୍କରେ ଜିଲ୍ଲାପାଳ ସମସ୍ତଂକୁ ଶପଥ ପାଠ କରାଇଥିଲେ । ହିଂସା ତ୍ୟାଗ କରି ସାର୍ବଜନୀନ ସମ୍ପତିର ସୁରକ୍ଷା ସହ ବ୍ୟକ୍ତିଗତ ଓ ସାମୁହିକ କାର୍ଯ୍ୟକଳାପର ସମସ୍ତ କ୍ଷେତ୍ରରେ ଉତ୍କର୍ଷ ସାଧନ ନିମନ୍ତେ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ । ସମ୍ବିଧାନର ଜନକ ଡ. ବାବା ସାହେବ ଆମ୍ବେଦକରଂକର ୧୨୫ତମ ଜୟନ୍ତୀ (୨୦୧୫ ମସିହା) ଠାରୁ ସମ୍ବିଧାନ ଦିବସ ପାଳିତ ହୋଇଆସୁଛି । ନଭେମ୍ବର ୨୬ ତାରିଖରେ ସମ୍ବିଧାନ ସଭା ଦ୍ୱାରା ଆମର ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଡେପୁଟି କଲେକ୍ଟର ଶ୍ରୀ ଜାନକୀନାଥ ମିଶ୍ରଂକ ସମେତ ଜିଲ୍ଲା କାର୍ଯ୍ୟାଳୟ ଓ ଅନୁଗୋଳ ଉପ-ଜିଲ୍ଲାପାଳଂକ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।


HELP DESK

